# ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଲକ୍ଷ୍ୟ ଓ ପରିଚାଳନା

## ଶିକ୍ଷା, ଶିକ୍ଷାର୍ଥୀ ଓ ଶିକ୍ଷକ

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଲକ୍ଷ୍ୟ ଏବଂ ଶିକ୍ଷାର ଆଧାର ଯେପରି ପ୍ରଚଳିତ ଶିକ୍ଷାର ଲକ୍ଷ୍ୟ ଓ ଶିକ୍ଷାର ଆଧାରଠାରୁ ଭିନ୍ନ ସେହିପରି ପ୍ରଚଳିତ ଶିକ୍ଷାକେନ୍ଦ୍ରର ସମସ୍ୟା-ସମାଧାନର ପ୍ରଣାଳୀଠାରୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ୟା-ସମାଧାନର ପ୍ରଣାଳୀ ମଧ୍ୟ ଭିନ୍ନ । କିନ୍ତୁ ଆମ୍ଭମାନଙ୍କର ମନ-ପ୍ରାଣ-ଶରୀରର ପୂର୍ବ ସଂସ୍କାର ଥିବାରୁ ଏହି ନୂତନ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଧାର ଏବଂ ଲକ୍ଷ୍ୟ ତଥା ସେଥିରେ ଉପୁଜୁଥିବା ସମସ୍ୟା-ସମାଧାନ ପ୍ରଣାଳୀ ବିଷୟରେ ସଚେତ ହୋଇ ପାରୁ ନାହୁଁ । ସେହି କାରଣରୁ ସମସ୍ୟା ଉତ୍ପନ୍ନ ହେଉଛି ଏବଂ ସମସ୍ୟାର  ସମାଧାନ ହେବାରେ ମଧ୍ୟ ଅସୁବିଧା ଘଟୁଅଛି ।

ପୁରାତନ ଶିକ୍ଷାର ଆଧାର କେବଳ ବୁଦ୍ଧିର ବିକାଶ ତା'ର ଲକ୍ଷ୍ୟ ଜୀବନ ନିର୍ବାହ ପାଇଁ ସାଂସାରିକ କାର୍ଯ୍ୟ କରିବା ସକାଶେ ଯୋଗ୍ୟତା ପ୍ରାପ୍ତ କରିବା ଅର୍ଥାତ୍ ବିଦ୍ୟାଶିକ୍ଷା ଦ୍ୱାରା ଡାକ୍ତର, ଇଞ୍ଜିନିୟର, ଆଇନଜ୍ଞ ହେବା ଅଥବା ବ୍ୟବସାୟ ବା ଶାସନ ବିଭାଗରେ ପରିବାର, ସମାଜ, ଦେଶ ସକାଶେ କାର୍ଯ୍ୟ କରିବା । ଆମ ମନ, ପ୍ରାଣ, ଶରୀରର ଯେଉଁ ଗୁଣଧର୍ମ – ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଲୋଭ, ମୋହ, କାମକ୍ରୋଧାଦି ରିପୁ ଅଛନ୍ତି, ଯେଉଁ ରିପୁମାନଙ୍କ କ୍ରିୟା ଯୋଗୁଁ ପ୍ରତ୍ୟେକ ମନୁଷ୍ୟ ଅସୁଖ ଓ ଅଶାନ୍ତିରେ ରହୁଅଛନ୍ତି, ପରିବାରରେ କଳହ, ସମାଜରେ ବିଦ୍ରୋହ, ଦେଶର ଉନ୍ନତିରେ ମହାନ୍ ବାଧା ଏବଂ ବିଶୃଙ୍ଖଳା, ଚୋରି ଡକାୟତି, ଘୁଷ୍‌ଖୋରି ହେଉଅଛି, ସେହି ରିପୁମାନଙ୍କ ସମ୍ବନ୍ଧେ ପ୍ରଚଳିତ ଶିକ୍ଷା ସଚେତନ କରାଏ ନାହିଁ କିଂବା ଏହି ରିପୁମାନଙ୍କୁ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ କରିବାର କଳ୍ପନା ବି କରେ ନାହିଁ । ଏହି ରିପୁମାନଙ୍କର ଭାଗବତ ଦିବ୍ୟତତ୍ତ୍ୱରେ ଯେପର୍ଯ୍ୟନ୍ତ ରୂପାନ୍ତର ନ ହେବ, ସେପର୍ଯ୍ୟନ୍ତ ବ୍ୟକ୍ତି, ପରିବାର, ସମାଜ-ଶାସନରୁ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ବିଶୃଙ୍ଖଳା ଦୂର ହେବ ନାହିଁ କିଂବା କୌଣସି ପ୍ରକାର ସମସ୍ୟାର ଆଇନ ଦ୍ୱାରା ଯଥାର୍ଥ, ସ୍ଥାୟୀ ସମାଧାନ ହେବ ନାହିଁ ।

ପ୍ରଚଳିତ ଶିକ୍ଷାର ବିସ୍ତାର ହୋଇ ଚାଲିଥିବା ସତ୍ତ୍ୱେ ଅନ୍ୟାୟ, ଅସତ୍ୟ ମଧ୍ୟ ବଢ଼ି ଚାଲିଅଛି । ଏହା ପ୍ରତ୍ୟେକ ବ୍ୟକ୍ତିଙ୍କ ସମ୍ମୁଖରେ ବିଦ୍ୟମାନ ଅଛି ।

ପୂର୍ଣ୍ଣାଙ୍ଗ ଶିକ୍ଷାର ଆଧାର ଅଧ୍ୟାତ୍ମ ଅତିମାନସ ସତ୍ୟ । ତା'ର ଲକ୍ଷ୍ୟ ସେହି ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଏବଂ ସେସବୁର ଗୁଣଧର୍ମ ଅହଂ, ସ୍ୱାର୍ଥ, ଲୋଭ, ମୋହ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ, କାମ କ୍ରୋଧାଦି ରିପୁଙ୍କର ଭାଗବତ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବା । ବ୍ୟକ୍ତି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଏବଂ ଦୁଃଖକଷ୍ଟରୁ ସଂପୂର୍ଣ୍ଣରୂପେ ମୁକ୍ତ ହେବ ଏବଂ ଦିବ୍ୟ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହେବ । କିଛି ବ୍ୟକ୍ତିଙ୍କର ରୂପାନ୍ତର ପୂର୍ଣ୍ଣ ହେଲେ ସଂସାରରୁ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ଚୋରି, ଡକାୟତି, ଘୁଷ୍‌ଖୋରି, ଯୁଦ୍ଧ ବିଗ୍ରହ ଦୂର ହେବ । ଏହି ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ବର୍ତ୍ତମାନ ଯେପରି ପଶୁ ଥାଇ ମନୁଷ୍ୟ ଜାତି ଅଛନ୍ତି, ସେହିପରି ମନୁଷ୍ୟ ଥାଇ ଦିବ୍ୟ ମାନବଜାତି ପୃଥିବୀରେ ପ୍ରତିଷ୍ଠା ହେବ । ମାନବ ଏବଂ ଅତିମାନବ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ରହିବ । ଏହି ରୂପାନ୍ତର ଅଗ୍ରସର ହେବା ଅନୁପାତରେ ସଂସାରରୁ କ୍ରମଶଃ ଅସତ୍ୟ, ମିଥ୍ୟାଚାର କମ୍ ହେବାକୁ ଲାଗିବ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ୟା ମଧ୍ୟ ଅଧ୍ୟାତ୍ମ ପ୍ରଣାଳୀରେ, ପରସ୍ପର ମଧ୍ୟରେ ଆଲୋଚନା କରି ଆନ୍ତରିକଭାବେ ସମାଧାନ କରିବାକୁ ହେବ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନର ସନ୍ଧିକ୍ଷଣ । ପୁରାତନ ଯୁଗର ନୈତିକତା ସଂପୂର୍ଣ୍ଣରୂପେ ଭାଙ୍ଗି ଯାଇଅଛି । ନୂତନ ଅତିମାନସ ସତ୍ୟକୁ ସମାଜ ଗ୍ରହଣ କରିପାରି ନାହିଁ । ଏହି କାରଣରୁ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଚରମ ସୀମାରେ ପହଞ୍ଚିଅଛି । ମନ-ପ୍ରାଣ-ଶରୀର ତା'ର ଗୁଣଧର୍ମ ଅତିମାନସ ଶକ୍ତି ଦ୍ୱାରା ଭାଗବତ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବାଛଡ଼ା ଅନ୍ୟ ପନ୍ଥା ନାହିଁ । ଏହି ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଅନ୍ୟ କୌଣସି ଉପାୟରେ ଦୂର ହେବ ନାହିଁ ।

ବ୍ୟକ୍ତି, ସମାଜ, ଦେଶ, ଜଗତ୍ ପରିଚାଳିତ ହେଉଛି ଭାଗବତୀ ଏବଂ ଅନ୍ଧକାର ଶକ୍ତି ଦ୍ୱାରା; ଏହି ଦୁଇ ଶକ୍ତିଙ୍କ ଆଧାର ମନୁଷ୍ୟ । ମନୁଷ୍ୟ ମଧ୍ୟରେ ଏହି ଦୁଇ ଶକ୍ତି ରହି ମନୁଷ୍ୟକୁ ଯନ୍ତ୍ର କରି କ୍ରିୟା କରନ୍ତି । ଅନ୍ଧକାର ଶକ୍ତିର ଯନ୍ତ୍ର ମନୁଷ୍ୟ, ମନ-ପ୍ରାଣ-ଶରୀରର ଗୁଣଧର୍ମ ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ବିରୋଧ, ଆଳସ୍ୟ, ତମସ୍, ସନ୍ଦେହ, ଅବିଶ୍ୱାସ ଛନ୍ଦକପଟ ଇତ୍ୟାଦି ରିପୁ । ଭାଗବତୀ ଶକ୍ତିର ଯନ୍ତ୍ର ଆତ୍ମାର ଗୁଣଧର୍ମ – ଶାନ୍ତି, ସନ୍ତୋଷ, ଦୟା, କରୁଣା, ଭାଗବତ ବିଶ୍ୱାସ, ଭଗବତ୍ ଭକ୍ତି, ଭଗବତ୍ ଚରଣରେ ସମର୍ପଣ ଇତ୍ୟାଦି ଦିବ୍ୟଗୁଣ । ଜଡ଼ ଶରୀରରୁ ପ୍ରାଣ, ମନ ସ୍ତର ପର୍ଯ୍ୟନ୍ତ ଅନ୍ଧକାର ଅଜ୍ଞାନ ଶକ୍ତିର ରାଜତ୍ୱ ବା ଶାସନ । ମନୁଷ୍ୟ ମଧ୍ୟରେ ଏବଂ ସଂସାରରେ ଭାଗବତୀ ଶକ୍ତି ଯଦ୍ୟପି ବିଦ୍ୟମାନ ଅଛନ୍ତି ତଥାପି ତାଙ୍କର ଶାସନରେ ଅଧିକାର ନାହିଁ । ଅଧିକାର ଅନ୍ଧକାର ଶକ୍ତିର । ଭାଗବତୀ ଶକ୍ତି ଅନ୍ଧକାର ଶକ୍ତିର ପଶ୍ଚାତରେ ରହିଥାଆନ୍ତି । ଭଗବାନ୍ ସ୍ୱବିଧାନ ଅନୁସାରେ ଅନ୍ଧକାର ଶକ୍ତିକୁ କିଛି ସୀମା ପର୍ଯ୍ୟନ୍ତ ସ୍ୱତନ୍ତ୍ରତା ଦେଇଥାଆନ୍ତି । କିନ୍ତୁ ସୃଷ୍ଟିକୁ ପୂର୍ଣ୍ଣ ରୂପେ ଅଧିକାର କରି ସର୍ବନାଶ କରିବା ସକାଶେ ଦିଅନ୍ତି ନାହିଁ । ଯେବେ ଯେବେ ଅନ୍ଧକାର ଶକ୍ତି ପ୍ରବଳ ହୁଏ ସେହି ସମୟରେ ଭଗବାନ୍ ଅବତାର ନିଅନ୍ତି ଏବଂ ଆଚାର୍ଯ୍ୟ, ମହାପୁରୁଷମାନେ ସଂସାରକୁ ଆସି ଅଧ୍ୟାତ୍ମ ସତ୍ୟକୁ ପ୍ରସାର କରି ଭାଗବତୀ ଶକ୍ତିର କ୍ରିୟାକୁ ବୃଦ୍ଧି କରନ୍ତି, ଅନ୍ଧକାର ଶକ୍ତିର କ୍ରିୟା ଓ ଅଧର୍ମକୁ ହ୍ରାସ କରନ୍ତି । କ୍ରମବିକାଶ ଅନୁସାରେ ଜଡ଼ ଶରୀର, ପ୍ରାଣ, ମନର ବିକାଶ ହୋଇ ଶେଷ ସୀମାକୁ ପହଞ୍ଚି ସାରିଛି । ଅପରାର୍ଦ୍ଧର ସୀମା ଯେଉଁ ମନ ତାହାକୁ ଅତିକ୍ରମ କରି ପରାର୍ଦ୍ଧର ସତ୍ୟରେ ପ୍ରବେଶ କରିବା ସମୟ ଆସିଅଛି । ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତିକୁ ଏହି ପୃଥିବୀରେ ପ୍ରତିଷ୍ଠା କରିଛନ୍ତି । ବ୍ୟକ୍ତିର ମନ-ପ୍ରାଣ-ଶରୀର ଭାଗବତ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେଲେ ମନ ପର୍ଯ୍ୟନ୍ତ ଥିବା ଅପରାର୍ଦ୍ଧର ସୀମାକୁ ଉଲ୍ଲଙ୍ଘନ କରି ସେ ପରାର୍ଦ୍ଧରେ ପହଞ୍ଚିବ । ଏହି ମୃତ୍ୟୁପୁରୀ ଅପରାର୍ଦ୍ଧ ଏବଂ ସାକେତ, ଗୋଲୋକ, ବୈକୁଣ୍ଠ ଦିବ୍ୟ ପରାର୍ଦ୍ଧ ମଧ୍ୟରେ ଆଉ ବ୍ୟବଧାନ ରହିବ ନାହିଁ । ଏହି ମୃତ୍ୟୁପୁରୀ ଅପରାର୍ଦ୍ଧରେ ଦିବ୍ୟ ପରାର୍ଦ୍ଧ ପ୍ରତିଷ୍ଠିତ ହେବ । ଏହି ରୂପାନ୍ତରକାରିଣୀ ଅତିମାନସ ଶକ୍ତି ପ୍ରତି ଯେତେ ଅଧିକ ବ୍ୟକ୍ତି ଉନ୍ମୁକ୍ତ ହେବେ ସେହି ଉନ୍ମୁକ୍ତତା ଅନୁପାତରେ ବ୍ୟକ୍ତି ମଧ୍ୟରେ ଅତିମାନସ ଶକ୍ତି, ମନ, ପ୍ରାଣ, ଶରୀର ତଥା ସେସବୁର ଗୁଣଧର୍ମ ଅହଂ, ସ୍ୱାର୍ଥାଦି ରିପୁମାନଙ୍କୁ ଦିବ୍ୟ ତତ୍ତ୍ୱରେ ରୂପାନ୍ତର କରିବ । ଏହି ରୂପାନ୍ତର ଯେତେ ଅଗ୍ରସର ହେବ ତା'ର ଦିବ୍ୟ ପ୍ରଭାବ ପୃଥିବୀ ବାତାବରଣରେ ସେତେ ଅଧିକ ପଡ଼ିବ ଏବଂ ବାତାବରଣ ଶୁଦ୍ଧ ହେବ । ସେହି ଶୁଦ୍ଧ ବାତାବରଣର ପ୍ରଭାବ ସମସ୍ତ ସଂସାରରେ ସମସ୍ତ ପ୍ରାଣୀ, ଏପରିକି ବୃକ୍ଷଲତା ଉପରେ ବି ପଡ଼ିବ । ଏହି ରୂପାନ୍ତର କାର୍ଯ୍ୟ ଆରମ୍ଭ ହୋଇ ଅଗ୍ରସର ହୋଇଚାଲିଛି । କିନ୍ତୁ ଏହି ଅତିମାନସ ଶକ୍ତି ପ୍ରତି ବହୁତ ସଂଖ୍ୟାରେ ବ୍ୟକ୍ତି ଉନ୍ମୁକ୍ତ ହୋଇ ନାହାନ୍ତି । ଯେଉଁ ସାଧକମାନେ ତୀବ୍ରଭାବେ ସାଧନା କରୁଅଛନ୍ତି ସେମାନଙ୍କ ସାଧନାର ଅଗ୍ରଗତିରେ ଅନ୍ଧକାର ଶକ୍ତି ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଇତ୍ୟାଦି ରିପୁଙ୍କୁ ଅଧିକ କ୍ରିୟାଶୀଳ କରାଇ ପ୍ରବଳ ବାଧା ଦେଉଅଛି । ଅତିମାନସ ସତ୍ୟର କେନ୍ଦ୍ର ସାଧନାଳୟ, ପାଠଚକ୍ର ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର । ଏହି ସଂସ୍ଥାମାନଙ୍କରେ ମଧ୍ୟ ଅନ୍ଧକାର ଶକ୍ତି ପ୍ରବଳ ବାଧା ସୃଷ୍ଟି କରୁଅଛି । ଏହିସବୁ କ୍ରିୟା ଯୋଗୁଁ ସଂସାରରେ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର ଇତ୍ୟାଦି ପ୍ରତିକୂଳ ଶକ୍ତି ପ୍ରବଳଭାବେ ବୃଦ୍ଧି ହେଉଥିବା ଦୃଷ୍ଟିଗୋଚର ହେଉଅଛି ।

କିନ୍ତୁ ଅତିମାନସ ଶକ୍ତି ଅମୋଘ । ତା'ର ସମ୍ମୁଖରେ ଅନ୍ଧକାର ଶକ୍ତି ତିଷ୍ଠି ରହି ପାରିବ ନାହିଁ । ବିଶାଳ ପାଳଗଦାକୁ ସାମାନ୍ୟ ଅଗ୍ନି କଣା ଭସ୍ମ କରିବା ସଦୃଶ ପୃଥିବୀରେ ପ୍ରବେଶ କରୁଥିବା ଅଥବା କେବଳ ପାଦ ରଖିଥିବା ଅତିମାନସ ଶକ୍ତି ଅନ୍ଧକାର ଶକ୍ତିକୁ ରୂପାନ୍ତରିତ କରିବ ଏବଂ ଏହି ପୃଥିବୀରେ ଅନ୍ଧକାର ଶକ୍ତିର ଶାସନ ପରିବର୍ତ୍ତେ ଅତିମାନସ ଶକ୍ତିର ଶାସନ ପ୍ରତିଷ୍ଠିତ ହେବ । ଏହି ମୃତ୍ୟୁପୁରୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଏହି ଅତିମାନସ ଶକ୍ତି ପ୍ରତି ଯେତେ ଅଧିକ ବ୍ୟକ୍ତି ଉନ୍ମୁକ୍ତ ହେବେ ଅତିମାନସ ଶକ୍ତି ସେମାନଙ୍କ ମଧ୍ୟରେ ସେତେ ଅଧିକ ରୂପାନ୍ତର କାର୍ଯ୍ୟ କରିବ ଏବଂ ପୃଥିବୀ ବାତାବରଣରେ ତା'ର ଅଧିକ ପ୍ରଭାବ ପଡ଼ିବ । କାରଣ ବ୍ୟକ୍ତିର ମନ-ପ୍ରାଣ-ଶରୀର ତତ୍ତ୍ୱ ବିଶ୍ୱତତ୍ତ୍ୱ ସହ ଏକ । ଅର୍ଥାତ୍ ବିଶ୍ୱତତ୍ତ୍ୱରୁ ବ୍ୟକ୍ତିର ମନ, ପ୍ରାଣ, ଶରୀରର ତତ୍ତ୍ୱ ଆସିଛି । ବ୍ୟକ୍ତି ମଧ୍ୟରେ ଥିବା ତତ୍ତ୍ୱର ରୂପାନ୍ତର ସହିତ ବିଶ୍ୱତତ୍ତ୍ୱ ମଧ୍ୟ ରୂପାନ୍ତରିତ ହେବ । ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ବୃଦ୍ଧି ହେଲେ ବର୍ତ୍ତମାନ ଅନ୍ଧକାର ଶକ୍ତିର ପ୍ରଭାବ ଯେପରି

ବଢ଼ିଚାଲିଛି, ତାହାର ଅଗ୍ରଗତି ସ୍ଥଗିତ ହେବ ଏବଂ ଅତିମାନସ ଶକ୍ତିର ପ୍ରଭାବ ବିସ୍ତାର ଅନୁପାତରେ ଅନ୍ଧକାର ଶକ୍ତିର ପ୍ରଭାବ କ୍ରମଶଃ ହ୍ରାସ ହେବାକୁ ଆରମ୍ଭ କରିବ ତଥା ଅତିମାନସ ଶକ୍ତି ଦ୍ୱାରା ଯେତେ ଅଧିକ ବ୍ୟକ୍ତିଙ୍କ ମଧ୍ୟରେ ରୂପାନ୍ତର କ୍ରିୟା ବୃଦ୍ଧି ହେଉଥିବ, ସେହି ଅନୁପାତରେ ଅନ୍ଧକାର ଶକ୍ତିର କ୍ରିୟା – ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଚୋରି, ଡକାୟତି, ଘୁଷ୍‌ଖୋରି କମ୍ ହେଉଥିବ । କିଛି ବ୍ୟକ୍ତିଙ୍କର ପୂର୍ଣ୍ଣ ରୂପାନ୍ତର ହେଲେ ସଂସାରରେ ଅନ୍ଧକାର ଶକ୍ତିର କ୍ରିୟା ସଂପୂର୍ଣ୍ଣରୂପେ ଲୋପ ହେବ । ଏହି ମୃତ୍ୟୁପୁରୀ ଦିବ୍ୟସ୍ୱର୍ଗରେ ପରିଣତ ହେବ । ଅତିମାନସ ଶକ୍ତିର କ୍ରିୟା ବୃଦ୍ଧି ସକାଶେ ପାଠଚକ୍ର, ସାଧନାଳୟ ତଥା ବିଶେଷ ରୂପେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବହୁଳ ପ୍ରତିଷ୍ଠା ହେବା ଏକାନ୍ତ ଆବଶ୍ୟକ । ପୂର୍ଣ୍ଣାଙ୍ଗ ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀ, ପରିଚାଳକ ଏବଂ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ କିଛି ମାତ୍ରାରେ ଅତିମାନସ ରୂପାନ୍ତର ବିଷୟରେ ଜାଣିବେ, କିଛି ଅଂଶରେ ଗ୍ରହଣ କରିବେ ଏବଂ ନାମଜପ କରିବେ, କିଛି ମାତ୍ରାରେ ସାଧନା ମନୋବୃତ୍ତି ରହିବା ଦ୍ୱାରା ଏହାର ଉତ୍ତମ ପ୍ରଭାବ ବିଶ୍ୱ-ବାତାବରଣରେ ପଡ଼ିବ ଏବଂ ଅଗ୍ରସର ହୋଇଥିବା ସାଧକମାନଙ୍କ ରୂପାନ୍ତର ସାଧନାରେ ସାହାଯ୍ୟ କରିବ । ଅର୍ଥାତ୍ ସେମାନଙ୍କ ସାଧନାରେ ବାଧା ଦେଉଥିବା ଅନ୍ଧକାର ଶକ୍ତିର ପ୍ରଭାବ କମ୍ ହେବ ସେମାନଙ୍କ ସାଧନାର ଅଗ୍ରଗତିର ପ୍ରଭାବ ବିଶ୍ୱବାତାବରଣରେ ପଡ଼ିବ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା କ୍ରମଶଃ ଅଧ୍ୟାତ୍ମ ପ୍ରଣାଳୀରେ ଗତି କରିବ । ଏହି ଯୋଗରେ ବିଶ୍ୱତତ୍ତ୍ୱ ରୂପାନ୍ତରିତ ହେଉଥିବାରୁ ସାଧନା ସାମୂହିକ ତଥା ପରସ୍ପରର ସହାୟକ । ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଯେତେ ଅଧିକ ବିସ୍ତାର ହେବ ତେତେ ଅନ୍ଧକାର ଶକ୍ତିର ପ୍ରଭାବ ହ୍ରାସ ହେବ ଏବଂ ଏହା ମଧ୍ୟରୁ କେତେକ ସଂଖ୍ୟାରେ ବ୍ୟକ୍ତି ସାଧନା-ମାର୍ଗରେ ଅଗ୍ରସର ହେବେ । ସେହି ସାଧକମାନଙ୍କ ମଧ୍ୟରୁ ଅଳ୍ପ କେତେକ ବ୍ୟକ୍ତି ଉଚ୍ଚକୋଟୀର ସାଧକରୂପେ ଅଗ୍ରସର ହେବେ । ସାଧକ-ଶ୍ରେଣୀ ପାବଚ୍ଛ ସଦୃଶ ଆରମ୍ଭରୁ ଶେଷପର୍ଯ୍ୟନ୍ତ ସମ୍ବନ୍ଧିତ ରହିବ । ପ୍ରାଇମେରୀ ସ୍କୁଲ ପ୍ରାୟ ପ୍ରତ୍ୟେକ ଗ୍ରାମରେ ରହିଅଛି ତଥା ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, କିନ୍ତୁ ଉଚ୍ଚ ଶିକ୍ଷାକେନ୍ଦ୍ରରେ ପ୍ରବେଶ କରିବା ସମୟରୁ କଲେଜ, ଇଞ୍ଜିନିୟରିଂ, ମେଡ଼ିକାଲ କଲେଜରେ ପହଞ୍ଚିବା ପର୍ଯ୍ୟନ୍ତ କ୍ରମଶଃ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବହୁତ କମ୍ ହେଉଛି । ପ୍ରାଇମେରୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁପାତରେ ବହୁତ କମ୍ ବ୍ୟକ୍ତି ଏମ୍.ଏ. ପାସ୍ କରୁଛନ୍ତି ଏବଂ ଡାକ୍ତର, ଇଞ୍ଜିନିୟର, ଆଇ.ଏ.ଏସ୍ ଅଫିସର ହେଉଅଛନ୍ତି ଏବଂ ଦେଶ ନେତା ହୋଇ ଶାସନ କରୁଅଛନ୍ତି । ପାରିବାରିକ ଜୀବନରୁ ଆରମ୍ଭ କରି ଡାକ୍ତର, ଇଞ୍ଜିନିୟର ଏବଂ ଦେଶଶାସକ ପର୍ଯ୍ୟନ୍ତ ସମାଜର ସବୁ ସ୍ତରରେ ବିଦ୍ୟାର ଆବଶ୍ୟକ । ଦେଶର ଭିନ୍ନ ଭିନ୍ନ କାର୍ଯ୍ୟରେ ଶିକ୍ଷାର ଆବଶ୍ୟକ । ପ୍ରାଇମେରୀ ଶିକ୍ଷା ବ୍ୟାପକ ଭାବେ ହେବାରୁ ସମାଜର ବିଭିନ୍ନ ସ୍ତରରେ ଉପଯୋଗ ହେଉଅଛି ଏବଂ ସର୍ବୋଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କ ଦ୍ୱାରା ଦେଶ ଓ ଜଗତର ଉତ୍ତମ କାର୍ଯ୍ୟ ତଥା ଶାସନ କାର୍ଯ୍ୟ ଚାଲୁଅଛି । ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବହୁ ପରିମାଣରେ ପ୍ରତିଷ୍ଠିତ ହେଲେ ସେମାନଙ୍କ ମଧ୍ୟରୁ ଅଳ୍ପ କେତେକ ବ୍ୟକ୍ତି ସାଧନାର ଉଚ୍ଚତର ଅବସ୍ଥାକୁ ପ୍ରାପ୍ତ ହେବେ । ପ୍ରାଇମେରୀ ସମସ୍ତ ଛାତ୍ରଛାତ୍ରୀ ଯଦ୍ୟପି ଏମ୍.ଏ.ପାସ୍ କରୁ ନାହାନ୍ତି କିଂବା ସମସ୍ତେ ଡାକ୍ତର ଇଞ୍ଜିନିୟର ହେଉ ନାହାନ୍ତି, ତଥାପି କିଛି ପରିମାଣରେ ଶିକ୍ଷା ନିଶ୍ଚୟ ପ୍ରାପ୍ତ କରୁଅଛନ୍ତି ଏବଂ ସମାଜର ବିଭିନ୍ନ ସ୍ତରରେ ସେହି ବିଦ୍ୟାର ଉପଯୋଗ ହେଉଅଛି ।

ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ଛାତ୍ରଛାତ୍ରୀ ଯଦ୍ୟପି ରୂପାନ୍ତରର ଉଚ୍ଚକୋଟୀର ସାଧନାରେ ଉପନୀତ ହେବେ ନାହିଁ, ତଥାପି ଏମାନେ ବହୁମାତ୍ରାରେ ଅତିମାନସ ଶକ୍ତିର ସ୍ପର୍ଶ ପାଇବେ ଏବଂ ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ରହିବେ । ଏମାନଙ୍କ ମଧ୍ୟରୁ ବହୁତ ଅଳ୍ପ – ଖୁବ୍ ଅଳ୍ପ ଯେଉଁ ବ୍ୟକ୍ତି ରୂପାନ୍ତର-ସାଧନାରେ ବିଶେଷ ଅଗ୍ରସର ହେବେ ସେହିମାନଙ୍କ ମଧ୍ୟରେ ଅତିମାନସ ଶକ୍ତି ରୂପାନ୍ତର-କ୍ରିୟା କରିବ ଏବଂ ତା'ର ପ୍ରଭାବ ସଂସାରର ବାତାବରଣରେ ପଡ଼ିବ । ସେହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯେଉଁମାନେ ସାଧନାରେ ଅଗ୍ରସର ହୋଇଥିବେ, ସେମାନେ କ୍ରମଶଃ ଅଧିକ ସାଧନାରେ ଅଗ୍ରସର ହେବାକୁ ଚେଷ୍ଟା କରିବେ, ନାମଜପ କରିବେ ଏବଂ ଅତିମାନସ ଶକ୍ତି ପ୍ରତି ଅଧିକ ଉନ୍ମୁକ୍ତ ହେବେ ।

ପୂର୍ଣ୍ଣାଙ୍ଗ ଶିକ୍ଷା ଦ୍ୱାରା ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ଅତିମାନସ ଶକ୍ତି ପ୍ରତି ଉନ୍ମୁକ୍ତ ହୋଇଥିବା ଛାତ୍ରଛାତ୍ରୀମାନେ ପରିବାର ପାଳନ-ପୋଷଣ ସକାଶେ ସମାଜ, ଦେଶରେ ବା ଶାସନ ବିଭାଗରେ ଯେଉଁ କାର୍ଯ୍ୟ କରିବେ, ବ୍ୟକ୍ତିଗତ

ଅହଂ ସ୍ୱାର୍ଥକୁ ଚରିତାର୍ଥ କରିବା ସକାଶେ ସେମାନେ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ଓ ବିଶୃଙ୍ଖଳାକୁ ପ୍ରଶ୍ରୟ ଦେବେ ନାହିଁ । ଏହି ସମସ୍ତ କାର୍ଯ୍ୟ ହେବ ସେମାନଙ୍କ ଲକ୍ଷ୍ୟ ପ୍ରାପ୍ତିର ସାଧନା । ଅର୍ଥାତ୍ ଶରୀର-ନିର୍ବାହ ସକାଶେ ଯେଉଁ କର୍ମ କରିବେ ତାହା ହେବ ରୂପାନ୍ତରର ସାଧନା । ଏହିସବୁ କର୍ମ ଲକ୍ଷ୍ୟପ୍ରାପ୍ତିର ସାଧନା ହେବାରୁ ଏଥିରେ ବ୍ୟକ୍ତିଗତ ସ୍ୱାର୍ଥ ରହିବ ନାହିଁ; ଆନ୍ତରିକତା ସହ କର୍ମ କରିବେ । କର୍ମରେ ଲକ୍ଷ୍ୟପ୍ରାପ୍ତିର ସାଧନା ମନୋଭାବ ରହିବାରୁ, ମନ-ପ୍ରାଣ-ଶରୀରରେ ଅତିମାନସ ଶକ୍ତିର ପ୍ରଭାବ ପଡ଼ିବ ଏବଂ ସ୍ୱାଭାବିକରୂପେ କର୍ମରେ ଦକ୍ଷତା ଆସିବ । ସ୍ୱାର୍ଥ ଛଡ଼ା ଆନ୍ତରିକତା ସହ କର୍ମରେ ଦକ୍ଷତା ପ୍ରାପ୍ତ ହେଲେ ସମସ୍ତ କର୍ମକ୍ଷେତ୍ରରେ ଉନ୍ନତି ହେବ, ଏବଂ କ୍ରମଶଃ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଘୁଷ୍‌ଖୋରି, ଚୋରି, ଡକାୟତି ଦୂର ହେବ । ସମସ୍ତ କର୍ମକ୍ଷେତ୍ରରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ଦେଶ ସମୃଦ୍ଧିଶାଳୀ ହେବ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବ୍ୟବସ୍ଥାପକ ତଥା ଶିକ୍ଷକ-ଶିକ୍ଷୟିତ୍ରୀମାନେ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ କ'ଣ ଓ ସେମାନେ ଏହି ଲକ୍ଷ୍ୟପ୍ରାପ୍ତିର ସାଧକ ତଥା ସେମାନଙ୍କର ସମସ୍ତ କର୍ମ ଲକ୍ଷ୍ୟ-ପ୍ରାପ୍ତିର ସାଧନା – ଏହା ଠିକ୍ ଠିକ୍ ହୃଦୟଙ୍ଗମ କରି ନ ଥିବାରୁ ଶିକ୍ଷାକେନ୍ଦ୍ରରେ ନାନା ପ୍ରକାର ସମସ୍ୟା ଦେଖା ଦେଉଅଛି । ଏହି ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହେବା ସକାଶେ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ପରିଚାଳକମାନେ ଗୋଟିଏ ପାଠଚକ୍ର ପ୍ରତିଷ୍ଠା କରନ୍ତୁ ଏବଂ ପାଠଚକ୍ରରେ ଅତିମାନସ ରୂପାନ୍ତର-ଯୋଗ ବିଷୟରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଲେଖା ତଥା ଏହାରି ଆଧାରରେ ଅନ୍ୟାନ୍ୟ ଲେଖା ଓ ପୁସ୍ତକମାନ ଆଲୋଚନା କରନ୍ତୁ । ତେବେ ପୂର୍ଣ୍ଣାଙ୍ଗ ଶିକ୍ଷାରେ ଅଂଶ ଗ୍ରହଣ କରୁଥିବା ଭାଇଭଉଣୀମାନେ ସାଧନାରେ ପ୍ରବୃତ୍ତ ହେବେ ଏବଂ ଉପୁଜୁଥିବା ସବୁ ପ୍ରକାର ସମସ୍ୟାର ସମାଧାନ ଶାନ୍ତିରେ କରିପାରିବେ ।

ପ୍ରତ୍ୟେକ ମନୁଷ୍ୟର ସ୍ୱଭାବ ଭିନ୍ନ ଏବଂ ମନର ଜ୍ଞାନ ସୀମିତ । ସେହି କାରଣରୁ ଗୋଟିଏ ଘଟଣା ବା ଗୋଟିଏ ବସ୍ତୁକୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ୱଭାବ ଅନୁସାରେ ଭିନ ଭିନ ରୂପେ ବିଚାର କରନ୍ତି । ଅଧିକାଂଶ ସ୍ଥଳରେ ଥାଏ ବିଚାର ପଶ୍ଚାତରେ ଅହଂ ଏବଂ ସ୍ୱାର୍ଥ । ସେହି କାରଣରୁ ପରିବାରଠାରୁ ଆରମ୍ଭ କରି ସଂସାରର ସମସ୍ତ କାର୍ଯ୍ୟ କ୍ଷେତ୍ରରେ ମତଭେଦ, ବାଦ-ବିବାଦ, କଳି ଦେଖାଦିଏ ଏବଂ ବିଭାଜନ ତଥା କନ୍ଦଳ ସୃଷ୍ଟି ହୁଏ । ମନ ବୁଦ୍ଧିର ଏହାହିଁ ଗୁଣଧର୍ମ । ସମଗ୍ର ବିଶ୍ୱରେ ଏହାହିଁ ବ୍ୟାପ୍ତରୂପେ କ୍ରିୟାଶୀଳ ହୋଇଅଛି ।

ପ୍ରଚଳିତ ଶିକ୍ଷାକେନ୍ଦ୍ରରେ କୌଣସି ସମସ୍ୟା ଅନୁଷ୍ଠାନର ଉନ୍ନତିରେ ବାଧା, ଛାତ୍ରଛାତ୍ରୀଙ୍କ ଉତ୍ତମ ସଂସ୍କାର ଗଠନରେ ପ୍ରତିବନ୍ଧକ ବୋଲି ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଉପରିସ୍ଥ ଉଚ୍ଚ ଅଫିସରମାନେ ହୃଦୟଙ୍ଗମ କରନ୍ତି ନାହିଁ । ସେମାନେ ଜୀବନର ସର୍ବାଙ୍ଗୀନ ବିକାଶ, ଜୀବନର ପୂର୍ଣ୍ଣାଙ୍ଗ ଲକ୍ଷ୍ୟ ସମ୍ବନ୍ଧେ ସଚେତ ନ ଥା'ନ୍ତି । ସେହି କାରଣରୁ ସମସ୍ୟା ଉତ୍ପନ୍ନ ହେଉଥିବା କର୍ମ ଲକ୍ଷ୍ୟପ୍ରାପ୍ତିର ବାଧକ, ଜୀବନର ସର୍ବାଙ୍ଗୀନ ବିକାଶର ଅବରୋଧକ ବୋଲି ଭାବନ୍ତି ନାହିଁ କିଂବା ସମସ୍ୟା ଉତ୍ପନ୍ନ ହେଉଥିବା କର୍ମକୁ ତ୍ୟାଗ କରିବାକୁ ଚେଷ୍ଟା କରନ୍ତି ନାହିଁ; ବରଂ ଆଇନାନୁସାରେ ଦଣ୍ଡରୁ ରକ୍ଷା ପାଇବା ସକାଶେ ଛଳେ-ବଳେ-କୌଶଳେ ଚେଷ୍ଟା କରନ୍ତି । ଅନ୍ୟମାନେ ସେହି ଦୋଷ କରୁଥିବା ସତ୍ତ୍ୱେ ଯେଉଁମାନେ ଧରାପଡ଼ନ୍ତି ଏବଂ ଦଣ୍ଡ ବିଧାନରୁ ରକ୍ଷା ପାଇବା ସକାଶେ କୌଣସି ଉପାୟ କରିପାରନ୍ତି ନାହିଁ ସେମାନଙ୍କୁ ଦଣ୍ଡବିଧାନ କରାହୁଏ । ଏହାଫଳରେ ବ୍ୟକ୍ତି କରିଥିବା ପ୍ରତିକୂଳ କର୍ମକୁ ଦୋଷ ଜାଣି ଆନ୍ତରିକଭାବେ ତ୍ୟାଗ ନ କରି ନିଜ ମଧ୍ୟରେ ପ୍ରତିକ୍ରିୟାକୁ ସ୍ଥାନ ଦିଅନ୍ତି ଏବଂ ସୁଯୋଗ ମିଳିଲେ ପ୍ରତିଶୋଧ ନେବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ; ସଂଘ ଗଠନ କରନ୍ତି ଏବଂ ନାନା ପ୍ରକାର ସମସ୍ୟା ଉତ୍ପନ୍ନ କରି, ହରତାଳ କରି ଦୀର୍ଘଦିନ ପର୍ଯ୍ୟନ୍ତ ସ୍କୁଲ କଲେଜ ବନ୍ଦ କରନ୍ତି । ଏହିସବୁ କର୍ମ ଦ୍ୱାରା ଶିକ୍ଷାନୁଷ୍ଠାନର ବାତାବରଣ ଦୂଷିତ ହୁଏ । ଏହାର କୁପ୍ରଭାବ ଛାତ୍ରଛାତ୍ରୀମାନଙ୍କ ଉପରେ ପଡ଼ି ସଂସ୍କାରରେ ପରିଣତ ହୁଏ । ସେହି ଛାତ୍ରଛାତ୍ରୀମାନେ ବଡ଼ ହୋଇ କଲେଜ ମାଟି ମାଡ଼ିଲେ ଶିକ୍ଷକମାନଙ୍କୁ ଅତିକ୍ରମ କରିଯାଆନ୍ତି । ଏହା କେବଳ ସିଦ୍ଧାନ୍ତମୂଳକ କଥା ନୁହେଁ, ଏହା ପ୍ରତ୍ୟେକ ବ୍ୟକ୍ତିର ସମ୍ମୁଖରେ ବିଦ୍ୟମାନ ।

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମଧ୍ୟ ଏଥିରୁ ବାଦ୍ ଯାଇ ନାହିଁ । କାରଣ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ବ୍ୟବସ୍ଥାପକ ତଥା ରୂପାନ୍ତର ଲକ୍ଷ୍ୟ ଗ୍ରହଣ କରିବା ସାଧକମାନେ ବି ଲକ୍ଷ୍ୟ ସମ୍ବନ୍ଧେ ସତତ ସଚେତ ହୋଇ ନାହାନ୍ତି । ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଅହଂ, ସ୍ୱାର୍ଥ, ଈର୍ଷା, ବିରୋଧ, କାମ, କ୍ରୋଧ, ଲୋଭ, ମୋହାଦି ରିପୁ କ୍ରିୟାଶୀଳ ଅଛନ୍ତି ।

ତାହା ସହିତ ଅନ୍ଧକାର ଶକ୍ତିର ଛଳନା ଓ ଛଦ୍ମ ପରାମର୍ଶ ବ୍ୟକ୍ତିଙ୍କୁ ବିମୋହିତ କରି ଦେଉଛି । ଏହି କାରଣରୁ ସଂସ୍ଥାର କର୍ମୀ, କର୍ମକର୍ତ୍ତାମାନଙ୍କ ମଧ୍ୟରେ ସଂଘର୍ଷ, ମତଭେଦ ଯୋଗୁଁ ନାନାପ୍ରକାର ସମସ୍ୟା ଉପୁଜୁଅଛି । ଏହିସବୁ ସମସ୍ୟା ପୁରାତନ ପ୍ରଣାଳୀରେ ସମାଧାନ ନ ହୋଇ ଅଧ୍ୟାତ୍ମ ଅତିମାନସ ପ୍ରଣାଳୀରେ ସମାଧାନ ହେବା ଏକାନ୍ତ ପ୍ରୟୋଜନ ।

## ସମାଧାନ

ସମାଧାନର ଉପାୟ ହେଲା ସଂସ୍ଥାର କର୍ମୀମାନେ ଲକ୍ଷ୍ୟ ସମ୍ବନ୍ଧେ ସତତ ସଚେତ ହେବେ ଏବଂ କର୍ମର ମହତ୍ତ୍ୱ ହୃଦୟଙ୍ଗମ କରିବେ । ସେମାନଙ୍କୁ ଏହି ଭଗବତ୍ କାର୍ଯ୍ୟରେ ଅଂଶ ଗ୍ରହଣ କରିବାକୁ ଭଗବାନ୍ ସୁଯୋଗ ଦେଇ ଅଛନ୍ତି । ଯୋଗସମନ୍ୱୟର ପ୍ରଥମ ପରିଚ୍ଛେଦରେ ଶ୍ରୀଅରବିନ୍ଦ କହିଛନ୍ତି, ''ଯେ ଭଗବାନଙ୍କୁ ବାଛିଥାଏ ସେ ଭଗବାନଙ୍କ ଦ୍ୱାରା ବଛାହୋଇ ସାରିଥାଏ ।'' ଆମେ ଏତେ ବଡ଼ ମହତ୍ତ୍ୱପୂର୍ଣ୍ଣ ଭାଗବତ ସେବା କାର୍ଯ୍ୟ ପ୍ରାପ୍ତ ହୋଇଅଛୁ । ଏତେ ବଡ଼ ମହତ୍ତ୍ୱପୂର୍ଣ୍ଣ ଭାଗବତ କାର୍ଯ୍ୟରେ ଅଂଶ ଗ୍ରହଣ ତଥା ଦୁର୍ଲଭ୍ୟ ଲକ୍ଷ୍ୟ ପ୍ରାପ୍ତିର ସୁଅବସର ଭଗବତ୍ କୃପାରୁ ପ୍ରାପ୍ତ ହୋଇଅଛୁ । କିନ୍ତୁ ମୋହ, ମାୟା, ଅଜ୍ଞାନଗ୍ରସ୍ତ ମନ, ପ୍ରାଣ, ଶରୀରର ଅହଂ, ସ୍ୱାର୍ଥ, କାମ, କ୍ରୋଧ, ଲୋଭ, ମୋହାଦି ରିପୁଙ୍କ କବଳରେ ପଡ଼ି ସଂସ୍ଥାର ସହକର୍ମୀମାନଙ୍କ ସହିତ ବାଦ ବିବାଦ, ସଂଘର୍ଷ କରି ନିଜର ଲକ୍ଷ୍ୟ ପ୍ରାପ୍ତି ମାର୍ଗରେ ନିଜେ ବାଧା ସୃଷ୍ଟି କରୁଅଛୁ । ସଂସ୍ଥାର ଉନ୍ନତିରେ ମଧ୍ୟ ବାଧା ସୃଷ୍ଟି କରୁଅଛୁ, ଛାତ୍ରଛାତ୍ରୀମାନଙ୍କର ଉତ୍ତମ ସଂସ୍କାର-ଗଠନର ଅବରୋଧ କରୁଅଛୁ ଏବଂ ପୃଥିବୀରେ ଦିବ୍ୟମାନବଜାତି ପ୍ରତିଷ୍ଠା ପାଇଁ ଯେଉଁ ମହତ୍ତ୍ୱପୂର୍ଣ୍ଣ ଭାଗବତ ସେବାକାର୍ଯ୍ୟ ଆମକୁ ମିଳିଛି ସେଥିରେ ବିଭ୍ରାଟ ସୃଷ୍ଟି କରି ଭାଗବତ ବିରୁଦ୍ଧ ଆଚରଣ କରୁଅଛୁ । ଏହି ରହସ୍ୟ ବୁଝିଲେ କିଂବା ଆଲୋଚନା ହେଲେ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ପରିଚାଳକମାନେ ନିଜ ଅନ୍ତରରୁ ସଂଘର୍ଷ, ବାଦ-ବିବାଦ ତ୍ୟାଗ କରିବା ସକାଶେ ମାତୃ ଶକ୍ତି ନିକଟରେ ନିଜକୁ ସମର୍ପଣ କରିବେ ଏବଂ ଏଥିରୁ ମୁକ୍ତ ହେବା ସକାଶେ ଅଭୀପ୍ସା କରିବେ । ଏହି ରହସ୍ୟ ଯଦି କର୍ମକର୍ତ୍ତା ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ବୁଝି ନ ଥିବେ ତେବେ ଏହି ବିଷୟ ଜାଣିଥିବା ବ୍ୟକ୍ତି ସେମାନଙ୍କୁ ବୁଝାଇ ଦେବେ । ଏହାହିଁ ଅତିମାନସ ଅଧ୍ୟାତ୍ମ ସଂସ୍ଥାମାନଙ୍କରେ ସମସ୍ୟା-ସମାଧାନର ଉପାୟ । ଏଥିରେ ବିଶେଷ ସାହାଯ୍ୟ କରେ ନାମଜପ ।